ଅନୁଗୁଳ ଜିଲ୍ଲା ଜରପଡା ଥାନା କଟଡା ନିକଟରେ ତୀର୍ଥଯାତ୍ରୀ ଓ୍ୱିଂଗର ଗାଡି ଦୁର୍ଘଟଣାଗ୍ରସ୍ତ

# ରାଜ୍ୟ ବିଜେପି ସଭାପତି ଏବଂ ବିଧାୟକ ଦଳ ନେତାଙ୍କ ଗଭୀର ଶୋକ ପ୍ରକାଶ

**ଭୁବନେଶ୍ୱର, ତା ୦୯/୧୨ :** ଅନୁଗୁଳ ଜିଲ୍ଲା ଜରପଡା ଥାନା କଟଡା ନିକଟରେ ତୀର୍ଥଯାତ୍ରୀ ଓ୍ୱିଂଗର ଗାଡି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ଏଥି ସହ ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଆଜି ବଲାଙ୍ଗୀର ଜିଲ୍ଲାର ହରିଶଙ୍କର, ନୃସିଂହନାଥ ଓ କୋରାପୁଟର ଗୁପ୍ତେଶ୍ୱର ପର୍ଯ୍ୟଟନସ୍ଥଳୀରୁ ଏକ ତୀର୍ଥଯାତ୍ରୀ ଓ୍ୱିଂଗର ଗାଡି ଫେରୁଥିବାବେଳେ ଅନୁଗୁଳ ଜିଲ୍ଲା ଜରପଡା ଥାନା କଟଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ୪ ଜଣ ପ୍ରାଣ ହରାଇଥିବା ସମୟରେ ୧୦ ଜଣ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି ।